# NATIONAL NEWS BULLETIN (ODIA)

## 26 April - 2024

### Mid Bulletin : 1.50 p.m

*********************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ସଂସଦୀୟ ଆସନରେ ଆଜି ମତଦାନ ଜାରି ରହିଛି ।

- ପ୍ରଧାନମନ୍ତ୍ରୀ ତଥା ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର ଉତ୍ତର ଓ ଦକ୍ଷିଣ ମାଲଦାରେ ଏକ ନିର୍ବାଚନ ସଭାକୁ ସମ୍ବୋଧିତ କରିଛନ୍ତି ।

- ଭିଭିପାଟ୍ ରେକର୍ଡ ସହ ଇଭିଏମ୍ ତଥ୍ୟର ଶତପ୍ରତିଶତ ପୁନଃ ଯାଞ୍ଚ କରିବା ନେଇ ହୋଇଥିବା ଆବେଦନକୁ ଆଜି ସୁପ୍ରିମ୍ କୋର୍ଟ ଖାରଜ କରିଦେଇଛନ୍ତି ।

- ଭାରତ-ଦକ୍ଷିଣ କୋରିଆ ମଧ୍ୟରେ ନିରସ୍ତ୍ରୀକରଣ ଏବଂ ଅସ୍ତ୍ରଶସ୍ତ୍ର ପ୍ରସାର ନିୟନ୍ତ୍ରଣ ଉପରେ ଆଜି ସିଓଲରେ ଆଲୋଚନା ହୋଇଛି ।

ଏବଂ

● ଦୁବାଇରେ ଚାଲିଥିବା ଏସୀୟ ଆଥ୍‌ଲେଟିକ୍ସରେ ଆଜି ଭାରତକୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି ।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଜୋରଦାର ମତଦାନ ଚାଲିଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୮୮ଟି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ମତଦାନ ହେଉଛି । ଏହି ନିର୍ବାଚନ ମଣ୍ଡଳୀ ଗୁଡ଼ିକ ମଧ୍ୟରେ କେରଳର ୨୦ଟି, କର୍ଣ୍ଣାଟକର ୧୪, ରାଜସ୍ଥାନର ୧୩, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୬ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଆସନ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କଶ୍ମୀରର ଗୋଟିଏ ଲେଖାଏଁ ଆସନ ରହିଛି ।

ମଧ୍ୟପ୍ରଦେଶର ବେତୁଲ (ଏସଟି) ସଂସଦୀୟ କ୍ଷେତ୍ର ପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ବେଳେ ବିଏସପି ପ୍ରାର୍ଥୀଙ୍କ ଦେହାନ୍ତ ଯୋଗୁଁ ଏହାକୁ ତୃତୀୟ ପର୍ଯ୍ୟାୟକୁ ଘୁଞ୍ଚାଇ ଦିଆଯାଇଛି ।

ସକାଳ ୭ଟାରୁ ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହୋଇଥିବା ମତଦାନ ସନ୍ଧ୍ୟା ୬ଟାରେ ଶେଷ ହେବ ।

ଦେଶର ବିଭିନ୍ନ ସ୍ଥାନରୁ  ଆମ ସମ୍ବାଦଦାତାମାନେ ସୂଚନା ଦେଇଛନ୍ତି ଯେ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଯୁବ ଓ ମହିଳା ଭୋଟରଙ୍କ ମଧ୍ୟରେ ବିଶେଷ ଉତ୍ସାହ ରହିଛି ।

ଆଜି ଯେଉଁ ପ୍ରମୁଖ ପ୍ରାର୍ଥୀମାନେ ନିର୍ବାଚନ ଲଢୁଛନ୍ତି ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ତେଜସ୍ୱୀ ସୂର୍ଯ୍ୟ, ହେମା ମାଳିନୀ, ବିଜେପିର ଅରୁଣ ଗୋଭିଲ ଓ ଓମ୍ ବିର୍ଲା ରହିଛନ୍ତି। କଂଗ୍ରେସରୁ ରାହୁଲ ଗାନ୍ଧି, ଶଶି ଥରୁର, ଡିକେ ସୁରେଶ ଏବଂ  କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚଡି କୁମାରସ୍ୱାମୀ ଅଛନ୍ତି ।

ଏହି ପର୍ଯ୍ୟାୟରେ ମଣିପୁର ଲୋକସଭା ନିର୍ବାଚନ ମଣ୍ଡଳୀର ୪ ଜଣ ପ୍ରାର୍ଥୀଙ୍କ ସହ ସମୁଦାୟ ୧ ହଜାର ୨୦୨ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

ଏହି ପର୍ଯ୍ୟାୟରେ ୧ ଲକ୍ଷ ୬୭ ହଜାର ମତଦାନ କେନ୍ଦ୍ରରେ ୧୬ ଲକ୍ଷରୁ ଅଧିକ ପୋଲିଂ ଅଫିସର ଙ୍କୁ ନିୟୋଜିତ କରାଯାଇଛି।  ପାଖାପାଖି ୧୬ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ ପାଖାପାଖି ୩୫ ଲକ୍ଷ ମତଦାତା ପ୍ରଥମ ଥର ମତଦାନ କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି।

## ମଣିପୁର ମତଦାନ

ମଣିପୁରର ଆଉଟର୍ ମଣିପୁର ସଂସଦୀୟ କ୍ଷେତ୍ରର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଚାଲିଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ ।

ଆଭ୍ୟନ୍ତରୀଣ ବିସ୍ଥାପିତଙ୍କ ପାଇଁ ୮ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ର ସମେତ ଏହି ପର୍ଯ୍ୟାୟରେ ୮୪୮ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଏଗୁଡ଼ିକ ମଧ୍ୟରୁ ୪ଶହ ୧ ଜଣଙ୍କୁ ଅତ୍ୟନ୍ତ ସମ୍ବେଦନଶୀଳ ଘୋଷଣା କରାଯାଇଛି । ଚଳିତ ମାସ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ବାହାର ମଣିପୁର ସଂସଦୀୟ କ୍ଷେତ୍ରର ୧୫ଟି ବିଧାନସଭା କ୍ଷେତ୍ରରେ ମତଦାନ ହୋଇଥିଲା ।

## ପଶ୍ଚିମବଙ୍ଗ-ପ୍ରଧାନମନ୍ତ୍ରୀ ରାଲି

ପ୍ରଧାନମନ୍ତ୍ରୀ ତଥା ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର ଉତ୍ତର ଓ ଦକ୍ଷିଣ ମାଲଦା ପ୍ରାର୍ଥୀଙ୍କ ସମର୍ଥନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି । ସେ ଶାସକ ତୃଣମୂଳ କଂଗ୍ରେସର ଦୁର୍ନୀତିକୁ ଦର୍ଶାଇ କହିଛନ୍ତି, ଟିଏମସିର ଅପଶାସନ ଯୋଗୁଁ ରାଜ୍ୟରେ ବିଦ୍ୟାଳୟ ସେବା ଆୟୋଗ  ନିଯୁକ୍ତିରେ ବହୁ ସଂଖ୍ୟକ ପ୍ରାର୍ଥୀ ଚାକିରି ହରାଇଛନ୍ତି । ନିକଟରେ କୋଲକାତା ହାଇକୋର୍ଟ  ୨୦୧୬ ଏସଏସସି ନିଯୁକ୍ତିକୁ ରଦ୍ଦ କରିଦେଇଛନ୍ତି ।

ଏସ୍‌ଏସସି ନିଯୁକ୍ତି ଅଧୀନରେ ଚାକିରି ଦେବା ପାଇଁ ଶାସକ ଦଳର ନେତାମାନେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିର ସିବିଆଇ ତଦନ୍ତ କରୁଛି ।

ତୃଣମୂଳ କଂଗ୍ରେସ ଶାସନରେ ମହିଳାମାନେ ସୁରକ୍ଷିତ ନଥିବା ସନ୍ଦେଶଖାଲି ଘଟଣା ପ୍ରମାଣିତ କରିଛି ବୋଲି ମୋଦି କହିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ ଟିଏମସି କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିନାହିଁ । ବିଜେପି କ୍ଷମତାକୁ ଆସିଲେ ମାଲଦାବାସୀଙ୍କ ବିକାଶ ହେବ ।

## ଭାରତ-ଦକ୍ଷିଣ କୋରିଆ

ଭାରତ-ଦକ୍ଷିଣ କୋରିଆ ମଧ୍ୟରେ ଆଜି ନିରସ୍ତ୍ରୀକରଣ ଏବଂ ଅସ୍ତ୍ରଶସ୍ତ୍ର ପ୍ରସାର ନିୟନ୍ତ୍ରଣ କରିବା ଉପରେ ସିଓଲରେ ଆଲୋଚନା ହୋଇଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ପରମାଣୁ, ରାସାୟନିକ ଏବଂ ଜୈବିକ କ୍ଷେତ୍ରକୁ ନିରସ୍ତ୍ରୀକରଣ ଏବଂ ଅସ୍ତ୍ରଶସ୍ତ୍ର ପ୍ରସାର ନିୟନ୍ତ୍ରଣ କରିବା ନେଇ ରେଟିଂ କ୍ଷେତ୍ରରେ ବିକାଶ ସଂକ୍ରାନ୍ତରେ ଉଭୟ ପକ୍ଷ ଆଲୋଚନା କରିଛନ୍ତି। ଆଞ୍ଚଳିକ ଅଣପ୍ରସାର ପ୍ରସଙ୍ଗ, ବାହ୍ୟ ମହାକାଶ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ, ସାମରିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା

ସମେତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ବହୁପକ୍ଷୀୟ ରପ୍ତାନି ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୁଆଁପୁଇ ସାଇଓ୍ୱିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଗଠିତ ହୋଇଥିଲା। ଦକ୍ଷିଣ କୋରିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଣପ୍ରସାରଣ ଓ ପରମାଣୁ ବ୍ୟାପାର ମହାନିର୍ଦ୍ଦେଶକ ୟୁନ ଜୋଙ୍ଗ କ୍ୱାନ୍ ।

## ଏସଇସି-ଭିଭିପାଟ୍

ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପାଟ୍) ରେକର୍ଡ ସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ତଥ୍ୟର ଶତପ୍ରତିଶତ ପୁନଃ ଯାଞ୍ଚ କରିବାକୁ ହୋଇଥିବା ଆବେଦନକୁ ଆଜି ସୁପ୍ରିମ୍ କୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଏହି ମାମଲା ଗୁଡ଼ିକର ଆଦେଶ ପାଇଁ ଏପ୍ରିଲ ୧୮ତାରିଖକୁ ସୁପ୍ରିମାକୋର୍ଟ ସଂରକ୍ଷିତ ରହିଥିଲେ ହେଁ ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କ ଠାରୁ କିଛି ବୈଷୟିକ ସ୍ପଷ୍ଟୀକରଣ ଚାହୁଁଥିବାରୁ ଏହାକୁ ଏପ୍ରିଲ ୨୪ତାରିଖ ପାଇଁ ପୁନର୍ବାର ତାଲିକାଭୁକ୍ତ କରାଯାଇଥିଲା। ନିର୍ବାଚନ ଆୟୋଗ ଦେଇଥିବା ଉତ୍ତରକୁ ବିଚାରକୁ ନେଇ ଆଜି କୋର୍ଟ ଏହି ଆଦେଶ ଦେଇଛନ୍ତି ।

ରାୟର ସମାପ୍ତି ସମ୍ପର୍କରେ ଉଲ୍ଲେଖ କରି ଜଷ୍ଟିସ ଖାନ୍ନା କହିଛନ୍ତି ଯେ ବାଲାଟ୍ ପେପର  ବ୍ୟବସ୍ଥାରେ ପୁଣି ମତଦାନ କରିବା, ଇଭିଏମ୍-ଭିଭିପାଟ୍ ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଭୋଟରଙ୍କୁ ଭିଭିପାଟ୍ ସ୍ଲିପ୍ ଦେବା ପାଇଁ ହୋଇଥିବା ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ତେବେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଦୁଇଟି ନିର୍ଦ୍ଦେଶ ଦେଇଛନ୍ତି ।

କୋର୍ଟ କହିଛନ୍ତି ଯେ ଇଭିଏମ୍ ରେ ଚିହ୍ନ ଲୋଡ୍ ହେବା ପରେ ସିମ୍ବଲ୍ ଲୋଡିଂ ୟୁନିଟ୍‌କୁ ସିଲ୍ କରି କଣ୍ଟେନରରେ ସୁରକ୍ଷିତ ରଖାଯାଉ। ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧି ମାନେ ସିଲ୍ ରେ ଦସ୍ତଖତ କରିବେ। ଫଳାଫଳ ଘୋଷଣା ପରେ ସିଲ୍ ହୋଇଥିବା କଣ୍ଟେନରଗୁଡ଼ିକୁ ଅତି କମରେ ୪୫ ଦିନ ପର୍ଯ୍ୟନ୍ତ ଇଭିଏମ୍ ସହିତ ଷ୍ଟୋର୍ ରୁମ୍ ରେ ରଖାଯିବ। ଅନ୍ୟ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ୫ ପ୍ରତିଶତ ଇଭିଏମ୍ ଯଥା କଣ୍ଟ୍ରୋଲ ୟୁନିଟ୍, ବ୍ୟାଲଟ୍ ୟୁନିଟ୍ ଏବଂ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭିଭିପାଟ୍‌ରେ ଜଳିଯାଇଥିବା ମେମୋରି ସେମିକଣ୍ଟ୍ରୋଲରକୁ  ୨ ଓ ୩ ନମ୍ବର  ପ୍ରାର୍ଥୀଙ୍କ ଲିଖିତ ଅନୁରୋଧ କ୍ରମେ ଇଭିଏମ୍ ନିର୍ମାତାଙ୍କ ଏକ ଟିମ୍ ଦ୍ୱାରା ଯାଞ୍ଚ  କରାଯିବ। ଫଳାଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଏଭଳି ଅନୁରୋଧ କରାଯିବ। ଅନୁରୋଧ କରିବା ପାଇଁ ପ୍ରାର୍ଥୀ ଖର୍ଚ୍ଚ ବହନ କରିବେ ଏବଂ ଯଦି ଇଭିଏମରେ ତ୍ରୁଟି ପରିଲକ୍ଷିତ ହୁଏ ତେବେ ଖର୍ଚ୍ଚ ଫେରସ୍ତ ହେବ ।

## ତେଲେଙ୍ଗାନା-ଚାର୍ଜସିଟ୍

ତେଲେଙ୍ଗାନାରେ ମେ ୧୩ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଏକ ଚାର୍ଜସିଟ୍ ଜାରି କରିଛି, ଯେଉଁଥିରେ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ରାଜ୍ୟକୁ ସମର୍ଥନ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଚାର୍ଜସିଟରେ ଦାବି କରାଯାଇଛି ଯେ ପାଣି ଆବଣ୍ଟନ, କ୍ରିଷ୍ଣା ନଦୀରେ ଜଳ ଆବଣ୍ଟନ, ମେଡିକାଲ କଲେଜ, ଆଇଆଇଏମ୍ ଓ ଟ୍ରିପଲ୍ ଆଇଟି ଆବଣ୍ଟନରେ ତେଲେଙ୍ଗାନା ପ୍ରତି ଅନ୍ୟାୟ ହୋଇଛି। ଗତକାଲି ହାଇଦ୍ରାବାଦରେ ମନ୍ତ୍ରୀ ଓ ଦଳର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ରାଜ୍ୟ କଂଗ୍ରେସ ସଭାପତି ତଥା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଏହି ଚାର୍ଜସିଟ୍ ଜାରି କରିଛନ୍ତି। ସୁଇସ୍ ବ୍ୟାଙ୍କରେ ଗଚ୍ଛିତ କଳାଧନ ଫେରାଇ ଆଣିବା ଏବଂ ବାର୍ଷିକ ୨ କୋଟି ଚାକିରି ହାରରେ ୨୦ କୋଟି ନିଯୁକ୍ତି ଦେବାରେ ବିଜେପି ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି।

## ପଶ୍ଚିମବଙ୍ଗ- ମମତା-ଚାକିରି ବାତିଲ

ଟିଏମସି ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨୫ ହଜାରରୁ ଅଧିକ ସ୍କୁଲ ଚାକିରି ବାତିଲକୁ ନେଇ ଚିନ୍ତା ପ୍ରକଟ କରିବା ସହ ଏହାକୁ ଘୋର ଅନ୍ୟାୟ ବୋଲି କହିଛନ୍ତି। ଗତକାଲି ମେଦିନୀପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଏକ ନିର୍ବାଚନୀ ରାଲିରେ ସେ ଅଭିଯୋଗ କରିଥିଲେ ଯେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାରୁ

ରୋକିବା ପାଇଁ  ଏହି ଲୋକଙ୍କୁ ବିଜେପି ଯୋଜନାବଦ୍ଧ ଭାବେ ଚାକିରିରୁ ବାହାର କରିଦେଇଛି ।

## ଏସୀୟ ଆଥଲେଟିକ୍ସ

ଏକବିଂଶ ଏସୀୟ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ରେ ପୁରୁଷ ଓ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଆଧିପତ୍ୟ ବଜାୟ ରଖିଛନ୍ତି । ଦୁବାଇରେ ଚାଲିଥିବା ଏହି ଚାମ୍ପିୟାନସିପ୍ର ଦ୍ୱିତୀୟ ଦିନରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ମହିଳା ୩୦ ମିଟର ଷ୍ଟିପଲଚେଜରେ ଏକତା ଦେ ୧୦ ମିନିଟ୍ ୩୧ପଏଣ୍ଟ ୯୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରଣବୀର ସିଂହ ପୁରୁଷ ପ୍ରତିଯୋଗିତାରେ ୯ ମିନିଟ୍ ୨୨ ଦଶମିକ ୬/୨ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ପୂର୍ବରୁ ଅନୁରାଗ ସିଂ କାଲେର ପୁରୁଷ ସଟ୍ ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମୋଟ ଉପରେ ଭାରତୀୟ ଆଥଲେଟମାନେ ଆଜି ୭ଟି ପଦକ ଜିତିଛନ୍ତି।